# ବାଥୁଡ଼ି ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ବାଦ୍ୟ ଚାଙ୍ଗୁ: ଏକ ଅଧ୍ୟୟନ

**ଶୁଭଶ୍ରୀ ମହାପାତ୍ର**

ସ୍ନାତକୋତ୍ତର ବିଦ୍ୟାର୍ଥୀ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**E-Mail:** shubhashreemahapatra003@gmail.com

**Reviewed by:** ଡ. ଜୟନ୍ତ କୁମାର ଦାସ

| Submission Date: | Publication Date: |
|---|---|
| 06-05-2025 | 14-07-2025 |

**Article No:** BB-I-III-2025-04

**ସଂକ୍ଷିପ୍ତସାର:**

ଓଡ଼ିଶା ଏକ ଆର୍ଯ୍ୟେତ୍ତର ଭୂମି ଏବଂ ଆର୍ଯ୍ୟ ଅନାର୍ଯ୍ୟ ସଂସ୍କୃତିର ସଙ୍ଗମସ୍ଥଳ ହୋଇଥିବାରୁ ଏହାର ପ୍ରତି କୋଣେ ଅନୁକୋଣେ ଆଦିମ ଅଧିବାସୀମାନେ ବସବାସ କରୁଥିବାର ଦେଖାଯାଏ। ଓଡ଼ିଶାରେ ଦୃଷ୍ଟିଗୋଚର ହେଉଥିବା ପ୍ରାୟ ୬୨ ପ୍ରକାର ଆଦିବାସୀମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଓ କେନ୍ଦୁଝରରେ ଦେଖାଯାଉଥିବା ବାଥୁଡ଼ି ସମ୍ପ୍ରଦାୟ ହେଉଛି ଅନ୍ୟତମ। ଏମାନଙ୍କର ସଂସ୍କୃତି ଅନନ୍ୟ ଓ ଅସାଧାରଣ। ଏମାନଙ୍କ ନିର୍ମିତ ଓ ବ୍ୟବହୃତ ଚାଙ୍ଗୁବାଦ୍ୟର ଗଠନଶୈଳୀ ଓ ପୃଷ୍ଠଭୂମି ଏବଂ ଏଥିରୁ ବାହାରୁଥିବା ନାଦର ତାଳେ ତାଳେ ସୃଷ୍ଟ ଗୀତ ଓ ନୃତ୍ୟକୁ ନେଇ ଏମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ଏକ ସାଂସ୍କୃତିକ ଭାବଧାରାର ମୂଲ୍ୟ ନିର୍ଦ୍ଧାରଣ ଉକ୍ତ ପ୍ରବନ୍ଧର ମୁଖ୍ୟ ଲକ୍ଷ୍ୟ। ଏଥିସହିତ ଏହି ଚାଙ୍ଗୁ ବାଦ୍ୟ-ଗୀତ ଓ ନୃତ୍ୟ ସହିତ କିପରି ଭାବେ ଏହି ବାଥୁଡ଼ି ଜନଜାତିଙ୍କର ଧର୍ମୀୟ ଭାବାବେଗ ତଥା ଆରାଧ୍ୟ ବଡ଼ାମଙ୍କର ଆସ୍ଥାନ ଭୂମି ଅଠରଦେଉଳର ଆଧ୍ୟାତ୍ମିକ ଓ ତାତ୍ତ୍ୱିକ ସହସମ୍ବନ୍ଧ ରହିଛି ତାହା ଏଠାରେ ଆଲୋଚ୍ୟ ସାପେକ୍ଷ୍ୟ।

**ପ୍ରମୁଖ ଶବ୍ଦାବଳୀ :** ଲୋକସଂସ୍କୃତି, ଜନ ସମ୍ପ୍ରଦାୟ, ବାଥୁଡ଼ି ଜନଜାତି, ଚାଙ୍ଗୁ ବାଦ୍ୟ, ଚାଙ୍ଗୁ ନୃତ୍ୟ, ଚାଙ୍ଗୁ ଗୀତ, ଧର୍ମୀୟ ଭାବଧାରା, ଆଧ୍ୟାତ୍ମିକ ଜୀବନଧାରା, ପ୍ରଦର୍ଶନଶୀଳ ଦିଗ, କିଳା, ଡାଙ୍ଗୁଆ, ଡାଙ୍ଗଣୀ, ଅଠରଦେଉଳ, ବଡ଼ାମ୍।

ଗୋଟିଏ ଜନ ସମ୍ପ୍ରଦାୟକୁ ଦେଖିବାକୁ ବା ବୁଝିବାକୁ ହେଲେ ପ୍ରଥମେ ତା'ର ସଂସ୍କୃତି ଓ ସଭ୍ୟତା ସହ ପରିଚିତ ହେବାକୁ ପଡ଼େ। ତେଣୁ ସଂସ୍କୃତି ହେଉଛି ଗୋଟିଏ ଜନସମ୍ପ୍ରଦାୟର ବ୍ୟକ୍ତି ଓ ତତ୍ ସମ୍ପର୍କିତ ସମାଜର ସଂଯୋଗକାରୀ ସେତୁ। ଏଣୁ ମଣିଷ ଯେଉଁ ସମାଜରେ ଜନ୍ମଗ୍ରହଣ କରି ଜୀବନଯାପନ କରେ ସେହି ସମାଜର ଏକ ନିଜସ୍ୱ ସାଂସ୍କୃତିକ ପରମ୍ପରା ରହିଥାଏ। ଯେଉଁଥିରେ ସେହି ସମାଜ ବ୍ୟବସ୍ଥାର ଜ୍ଞାନ, ବିଜ୍ଞାନ, କଳା, ଚଳଣି, ବିଧିବିଧାନ, ବିଶ୍ୱାସ, ଅଭ୍ୟାସ ଆଦି ଫେଣ୍ଟାଫେଣ୍ଟି ହୋଇ ରହିଥାନ୍ତି।

ଏଣୁ ପ୍ରାଚୀନ ଲୋକସଂସ୍କୃତିକୁ ଲୋକଲୋଚନକୁ ଆଣିବା କ୍ଷେତ୍ରରେ ଯେପରି ଚାଲିଚଳଣି ଓ ପୂଜାପାର୍ବଣର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଡ଼େଇ ଦିଆଯାଇନପାରେ ଅନୁରୂପ ଭାବେ ଏହି ଲୋକସଂସ୍କୃତି ଅନ୍ତର୍ଗତ ନୃତ୍ୟ, ଗୀତ ଓ ବାଦ୍ୟର ଗୁରୁତ୍ୱକୁ ମଧ୍ୟ ଅସ୍ୱୀକାର କରାଯାଇନପାରେ। କୌଣସି ଜାତି ବା ଜନଜାତିର ଉତ୍କୃଷ୍ଟ ସଂସ୍କୃତିକୁ ବାହ୍ୟ ସମାଜ ଆଗରେ ପରିପ୍ରକାଶ କରାଇବାରେ ଏହି ନୃତ୍ୟ-ଗୀତ, ଚାଲିଚଳଣି, କଳା ଆଦି ପ୍ରଦର୍ଶନଶୀଳ ଦିଗ ରୂପେ କାର୍ଯ୍ୟ କରିଥାନ୍ତି। ଯେଉଁଥିରେ କି ଏହି ସଂସ୍କୃତିକୁ ନେଇ ଗଢ଼ି ଉଠିଥିବା ମୂଲ୍ୟାତ୍ମକ ଦିଗଗୁଡ଼ିକ ପରିପୁଷ୍ଟ ହୋଇ ପ୍ରଦର୍ଶିତ ହୋଇଥାନ୍ତି। ଏଇ ପରିପ୍ରେକ୍ଷୀରେ ଉତ୍ତର ଓଡ଼ିଶାର କେନ୍ଦୁଝର, ବାଲେଶ୍ୱର ବିଶେଷତଃ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ବାଥୁଡ଼ି ଜନଜାତିର ଲୋକସଂସ୍କୃତି ଅନ୍ତର୍ଗତ ଚାଙ୍ଗୁ ବାଦ୍ୟ-ନୃତ୍ୟ ଏହି ଜନଜାତିର ସାଂସ୍କୃତିକ ପ୍ରବାହମାନତାକୁ ଦର୍ଶାଇଥାଏ।

ଏହି ଚାଙ୍ଗୁ ହେଉଛି ଏକ ବାଦ୍ୟଯନ୍ତ୍ର, ଯାହାକି କେବଳ ବାଥୁଡ଼ି ଜନଜାତିଙ୍କ ଦ୍ୱାରା ବାଦନ କରାଯାଇନଥାଏ ବରଂ ଏଠାରେ ବସବାସ କରୁଥିବା ଖଡ଼ିଆ, ଶବର, ଜୁଆଙ୍ଗ ଆଦି ଜନଜାତିଙ୍କର ମଧ୍ୟ ପ୍ରମୁଖ ମନୋରଞ୍ଜନଧର୍ମୀ ବାଦ୍ୟଯନ୍ତ୍ର ଅଟେ। ଏହି ବାଦ୍ୟଯନ୍ତ୍ରକୁ ବଜାଇ ଏହି ଜନଜାତିର ଲୋକମାନେ ଯେଉଁ ଗୀତ ଗାଇ ନୃତ୍ୟ କରିଥାନ୍ତି ତାକୁ

ଯଥାକ୍ରମେ ଚାଙ୍ଗୁଗୀତ ଓ ଚାଙ୍ଗୁନୃତ୍ୟ ବୋଲି କୁହାଯାଇଥାଏ। ତେବେ ଅନ୍ୟ ଜନଜାତିର ଲୋକଙ୍କ ପାଇଁ ଏହା କେବଳ ମନୋରଞ୍ଜନର ଖୋରାକ୍ ଯୋଗାଉଥିବା ବେଳେ ବାଥୁଡ଼ି ଜନଜାତିର ଆଧ୍ୟାତ୍ମିକ ଓ ଧାର୍ମିକ ବିଶ୍ୱାସକୁ ପ୍ରଭାବିତ କରିଥାଏ। ଏହାକୁ ଆମେ ଏମାନଙ୍କ ଆରାଧ୍ୟ ଅଠରଦେଉଳ ନିବାସୀ ବଡ଼ାମଙ୍କୁ ଭକ୍ତିଅର୍ଘ୍ୟ ଅର୍ପଣର ଏକ ମାଧ୍ୟମ ବୋଲି ମଧ୍ୟ କହିପାରିବା ତେବେ ଏହି ଚାଙ୍ଗୁ ବାଦ୍ୟ, ନୃତ୍ୟ ଓ ଗୀତ ସମ୍ପର୍କରେ ଏକ ମୌଳିକ ଧାରଣା ସୃଷ୍ଟି ସହ ଅଠରଦେଉଳର ଅଧିବାସୀ ବାଥୁଡ଼ିଇଷ୍ଟଙ୍କ ସହ ଏହାର ସମ୍ପର୍କ ସ୍ଥାପନର ତାତ୍ପର୍ଯ୍ୟ ପର୍ଯ୍ୟାଲୋଚନା ଏଠାରେ ମୁଖ୍ୟ ଉପଜୀବ୍ୟ ପ୍ରସଙ୍ଗ ଅଟେ।

**ବାଥୁଡ଼ି ଆଦିବାସୀଙ୍କ ପାରମ୍ପରିକ ବାଦ୍ୟ ଚାଙ୍ଗୁ:**

ଓଡ଼ିଶାରେ ପ୍ରତିଟି କୋଣେ ଅନୁକୋଣେ ବିଭିନ୍ନ ଜାତି ଓ ଜନଜାତିଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ବାଦ୍ୟଗୁଡ଼ିକ ମୁଖ୍ୟତଃ ପଶୁ ଚମଡ଼ା ଦ୍ୱାରା ତିଆରି ହୋଇଥାଏ। ଏହି ଚମଡ଼ା ନିର୍ମିତ ବାଦ୍ୟଯନ୍ତ୍ରମାନଙ୍କ ମଧ୍ୟରେ ବାଥୁଡ଼ି ଜନଜାତିଙ୍କ ଦ୍ୱାରା ବଜାଯାଉଥିବା ଅନ୍ୟତମ ଚମଡ଼ା ବାଦ୍ୟଯନ୍ତ୍ର ହେଉଛି ଚାଙ୍ଗୁ। ଏହି ଚାଙ୍ଗୁ ବାଦ୍ୟ ନିର୍ମାଣ ନିମନ୍ତେ ମୁଖ୍ୟତଃ ଦୁଇଟି ଗଛର କାଠ ଯଥା ସାହାଡ଼ାଗଛର କାଠ ଓ ବରଗଛର ମୋଟା ଓହଳ ବ୍ୟବହାର କରାଯାଇଥାଏ।ଏହି କାଠର କ୍ଷୀର ଅଠାଳିଆ ହୋଇଥିବାରୁ ଏଥିରେ ଚାଙ୍ଗୁ ବାଦ୍ୟକୁ ଗୋଲ ଆକୃତି ପ୍ରଦାନ କରିବାରେ ବିଶେଷ ଅସୁବିଧା ହୁଏ ନାହିଁ ଓ ଏହା ନ ଭାଙ୍ଗି ବରଞ୍ଚ ସହଜରେ ଗୋଲ ଆକୃତି ଧାରଣ କରିନେଇଥାଏ।

ପ୍ରଥମେ ଏକ ନିର୍ଦ୍ଦିଷ୍ଟ ମାପର ଗାତଟିଏ ମାଟିରେ ଖୋଳାଯାଇ ଉକ୍ତ କାଠ ବା ଓହଳକୁ ସେହି ମାପରେ କାଟି, ଫାଳ କରି ଓ ଆବଶ୍ୟକତା ମୁତାବକ ଛେଲି ତାକୁ ଏହି ଗାତରେ ଗୋଲ କରି ଭର୍ତ୍ତି କରିଦିଆଯାଏ। ପ୍ରାୟତଃ ୬ ରୁ ୭ ଦିନ ପରେ ଏହାକୁ ଗାତରୁ କାଢ଼ିବା ଦ୍ୱାରା ଏହା ସ୍ୱାଭାବିକ ଭାବେ ଗୋଲ ଆକାର ଧାରଣ କରିସାରିଥାଏ। ପରେ ଏହାକୁ ଖରାରେ ଶୁଖାଇ ଏଥିରେ ଅଠର ଗୋଟି କଣା କରାଯାଇ ଓ ୧୮ଗୋଟି ପାକଳ ବାଉଁଶର କିଳା କରାଯାଏ। ଏହି ଅଠରଗୋଟି କଣା ବାଥୁଡ଼ି ଜନଜାତିର ଧାର୍ମିକ ମହତ୍ତ୍ୱକୁ ଦର୍ଶାଇଥାଏ। ଏହାର ପରବର୍ତ୍ତୀ ସମୟରେ ଏଥିରେ ମାଙ୍କଡ଼ ଚମଡ଼ାଦେଇ ଛାଉଣି କରାଯାଇ ଏଥିରେ ଏହି କିଳାଗୁଡ଼ିକୁ କଷି ଦିଆଯାଇଥାଏ। କେତେକ ଚାଙ୍ଗୁ ବାଦ୍ୟରେ ସାହାଡ଼ା ବା ବରଗଛର ଓହଳ ମୁଣ୍ଡୁଳିକୁ କଣା କରି ସେଥିରେ ଛୋଟ ଛୋଟ ପିତଳ ନିର୍ମିତ ଗିନିର ମଧ୍ୟ ବ୍ୟବହାର କରାଯାଏ। ଏହାକୁ ଏହି ବାଥୁଡ଼ି ସମ୍ପ୍ରଦାୟର ପୁରୁଷମାନେ ବାମ ହାତରେ ଧରି ବାଦନ କରିଥାନ୍ତି। ପୁରୁଷ ବ୍ୟତୀତ ନାରୀମାନେ ଏହି ଚାଙ୍ଗୁ ବାଦ୍ୟକୁ ବଜାଇ ନଥାନ୍ତି। ଏହା ବାଦ୍ୟର ସ୍ୱୟଂ ଅଧିଶ୍ୱର ରୂପେ ଭୈରବଙ୍କୁ ପୂଜା କରାଯାଇଥାଏ।

ଏହି ଚାଙ୍ଗୁବାଦ୍ୟର ଉତ୍ପତ୍ତି ସମ୍ବନ୍ଧରେ ଏକ କିମ୍ବଦନ୍ତୀ ଅଛି ଯେ ଏକଦା ପର୍ବତ ଗହ୍ୱରରେ ଶିବ ଓ ପାର୍ବତୀ ଅବସ୍ଥାନ କରୁଥିବା ବେଳେ ଚନ୍ଦ୍ରକୁ ଦେଖି ଦେବୀ ପାର୍ବତୀ ଆନନ୍ଦରେ ଅଧିର ହୋଇ ଉଠିଲେ ଏବଂ ଶିବଙ୍କୁ କହିଲେ ପ୍ରଭୁ ମୋ ପାଇଁ ଏହି ଗୋଲାକାର ଚନ୍ଦ୍ରମା ପରି ଏକ ବାଦ୍ୟ ଆଣିଦେଲେ ଆମେ ଏହାକୁ ବଜାଇ, ଗୀତ ଗାଇ ରାତ୍ରି ଯାପନ କରିଥାନ୍ତେ।। ମାତ୍ର ଅସମ୍ଭବ କଥା କେତେ ସମ୍ଭବ ହୁଏନା। ଏହି ଦୃଷ୍ଟିରୁ ଶିବ ବରଗଛର ଓହଳକୁ ଗୋଲାକାର କରି ସେଥିରେ ମାଙ୍କଡ଼ ଚମଡ଼ାରେ ଛାଉଣୀ କରି ତା ଦେହରେ ବାଇଶଟି କିଳା ଦେବାରୁ ତାହା ଏକ ଶୃତି ମଧୁର ବାଦ୍ୟ ଯନ୍ତ୍ରରେ ପରିଣତ ହେଲା, ଏହି ବାଦ୍ୟଟି ଚନ୍ଦ୍ରପରି ଗୋଲାକାର ହୋଇଥିବାରୁ ଏହା ଚାଙ୍ଗୁ ନାମରେ ଅଭିହିତ ହେଲା।

ତେବେ ବର୍ତ୍ତମାନ ସମୟରେ ଏହି ଚାଙ୍ଗୁ ବାଦ୍ୟ ନିଜସ୍ୱ ମୌଳିକତା ହରେଇବାକୁ ବସିଲାଣି। ବିଭିନ୍ନ ବନ୍ୟଜନ୍ତୁ ସଂରକ୍ଷଣ ଆଇନ୍ ଓ ଧାରା ୫୩ ଅନୁସାରେ ୧୯୭୧ ମସିହାରୁ ଏହି ମାଙ୍କଡ଼ ଚମଡ଼ା ଦୁର୍ଲଭ ହୋଇଯିବାରୁ କ୍ରମଶଃ ଏହି ବାଦ୍ୟଯନ୍ତ୍ରଗୁଡ଼ିକ ଛେଳି ଚମଡ଼ାରେ ଛାଉଣୀ କରାଯାଉଛି। ମାତ୍ର ଉଭୟ ମାଙ୍କଡ଼ ଚମଡ଼ା ଲାଗିଥିବା ଚାଙ୍ଗୁ ବାଦ୍ୟ ଓ ଛେଳି ଚମଡ଼ା ନିର୍ମିତ ବାଦ୍ୟଯନ୍ତ୍ରର ସ୍ୱରଝଙ୍କାର ମଧ୍ୟରେ ଅନେକ ପାର୍ଥକ୍ୟ ଲକ୍ଷ୍ୟ କରିବାକୁ ମିଳେ। ଏବେ ଏବେ କେତେକ ସ୍ଥାନରେ ଷ୍ଟିଲ ମୁଣ୍ଡୁଳିରେ ନାଇଲନର ଛାଉଣୀ ଦେଇ ମଧ୍ୟ ଏକ ପ୍ରକାର ଚାଙ୍ଗୁ ବାଦ୍ୟ ପ୍ରସ୍ତୁତ କରାଯାଉଅଛି। ତେବେ ଚମଡ଼ା ଚାଙ୍ଗୁ ଓ ନାଇଲନ ଚାଙ୍ଗୁ ମଧ୍ୟରେ ଦେଖାଯାଉଥିବା ପାର୍ଥକ୍ୟ ମଧ୍ୟ କିଛି କମ୍ ନୁହେଁ। ତେବେ ଏହି ଚାଙ୍ଗୁ କେବଳ ଏକ ବାଦ୍ୟଯନ୍ତ୍ର ନୁହେଁ ବରଂ ବାଥୁଡ଼ି ଜନଜାତିର ଧାର୍ମିକ ଓ ଆଧ୍ୟାତ୍ମିକ ଜୀବନଧାରାର ଏକ ପ୍ରଧାନ ଉପକରଣ।

**ବାଥୁଡ଼ି ଆଦିବାସୀଙ୍କ ସାଂସ୍କୃତିକ ଜୀବନରେ ଚାଙ୍ଗୁ ଗୀତର ଭୂମିକା:**

ଚାଙ୍ଗୁ ବାଦ୍ୟର ତାଳେ ତାଳେ ସରଳ ଆଦିବାସୀ ବାଥୁଡ଼ିମାନଙ୍କ କଣ୍ଠରୁ ଝରିପଡିଥିଲା ଯେଉଁ ସଂଗୀତର ଝଙ୍କାର ସେଥିରେ ଥିଲା ଏକ ଭାବମୟ ଜଗତର ବିଶ୍ୱାସ ଓ ପୀଡ଼ାରୁ ପ୍ରାର୍ଥନା ଆଡ଼କୁ ଗତିକରୁଥିବା ଏକ ଉଦବେଳିତ କରୁଣ ଭାବଭୂମି। ବନପାହାଡ଼ର ଏହି ସରଳ ଆଦିବାସୀ ଚାଙ୍ଗୁର ପ୍ରଥମ ବନ୍ଦନା ଗାଏ ଇଷ୍ଟଦେବ ବଡାମଙ୍କ ଉଦ୍ଦେଶ୍ୟରେ ପୁଣି ଶିମିଳିପାଳର ବୃକ୍ଷଲତା, ପାହାଡ଼, ଝରଣା, ନଦୀଆଦିଙ୍କ ଉଦ୍ଦେଶ୍ୟରେ। କେତେବେଳେ ପୌରାଣିକ ଆଖ୍ୟାନ ତ ପୁଣି କେତେବେଳେ ସମାଜ ଜୀବନର ଛବି ରୂପପାଏ ଏଇ ଚାଙ୍ଗୁଗୀତରେ। ଏହି ବାଥୁଡ଼ି ଜନଜାତିଙ୍କର ନିଜସ୍ୱ ଭାଷା ଓ ଲିପି ନଥିଲେ ହେଁ ଓଡ଼ିଆ ଭାଷାରେ ଏମାନେ ଏହି ଗୀତ ବୋଲିଲା ବେଳେ ନିଜ ସଂସ୍କୃତିର ଭାବମନ୍ତ୍ରକୁ ଏଥିରେ ସ୍ଥାନ ଦେଇଥିବାର ଦେଖାଯାଏ। ଯେପରି-

"ଡାଳିପୂଜା ସାରି ବଡାମ୍ ବାବାକେ
ମାଗିଘେନି ନେଲୁ ବର,
ବାରମାସ ବାବା ଭଲରେ ରଖିବୁ
ପିଲାଛୁଆ ପରିବାର।"

ତେବେ ଏହି ଚାଙ୍ଗୁଗୀତକୁ ପାରମ୍ପରିକ ରୂପରେ କେବଳ

ପୁରୁଷମାନେ ଗାଇଥାନ୍ତି। ସେମାନଙ୍କ ଗୀତର ତାଳେ ତାଳେ ଉଭୟ ନାରୀପୁରୁଷ ଏକତ୍ରିତ ଭାବେ ଉତ୍ସବ ମୁଖରିତ ହୋଇ ନାଚି ଉଠିଥାନ୍ତି –

"ଧାଙ୍ଗୁଡୁ ଧାଙ୍ଗୁଡୁ ଚାଙ୍ଗୁ ବାଇଦ ବଜା
ଗମିଲେ ଜାଣିବୁ ସିନା ତାହାରି ମଜା, ଚାଙ୍ଗୁ ବାଇଦ ବଜା
ଠାକୁର ଠାକୁରାଣୀ ବଡ଼ାମ ଯେ ବଡ଼ାମଣି
ଶିମିଳି ପାହାଳେ ରହି ଅଠର ଦେଉଳେ ଥାଇ ପାଆନ୍ତି ପୂଜା,
ଚାଙ୍ଗୁ ବାଇଦ ବଜା।"

**ବାଥୁଡ଼ି ଜନଜୀବନରେ ଚାଙ୍ଗୁ ନୃତ୍ୟର ଗୁରୁତ୍ୱ:**

ଚାଙ୍ଗୁ ବାଦ୍ୟ ଓ ଗୀତର ତାଳେ ତାଳେ ଏହି ବାଥୁଡ଼ି ମାନେ ଯେଉଁ ନୃତ୍ୟ କରିଥାନ୍ତି ତାହାକୁ ଚାଙ୍ଗୁ ନୃତ୍ୟ ବୋଲି କୁହାଯାଏ। ଏହି ଚାଙ୍ଗୁ ନୃତ୍ୟ ହେଉଛି ବାଥୁଡ଼ିମାନଙ୍କର ପ୍ରଧାନ ଓ ଲୋକପ୍ରିୟ ନୃତ୍ୟକଳା। ଏହାଛଡ଼ା ମୟୂରଭଞ୍ଜର ଭଞ୍ଜପୁରାଣ ଓ ଭୂୟାଁ ଜାତିର ଲୋକମାନେ ମଧ୍ୟ ଏହି ଚାଙ୍ଗୁ ନୃତ୍ୟକୁ ବେଶ୍ ଅଗ୍ରାଧିକାର ଦେଇଥାନ୍ତି। ବିଭିନ୍ନ ପୂଜାପର୍ବାଣି ଓ ପୂର୍ଣ୍ଣିମା ସଂକ୍ରାନ୍ତିରେ ଏହି ଚାଙ୍ଗୁ ନୃତ୍ୟ ଅନୁଷ୍ଠିତ ହେଉଥିବାର ଦେଖାଯାଏ। ଏଥିରେ ନାରୀପୁରୁଷ ଉଭୟ ଅଂଶଗ୍ରହଣ କରିଥାନ୍ତି ଓ ମନଖୋଲି ନାଚିଥାନ୍ତି। ଗୋଟେ ଗୋଲାକାର ପରିଧି ଭିତରେ ପ୍ରଥମେ ପୁରୁଷମାନେ ଚାଙ୍ଗୁ ଧରି ଛିଡ଼ା ହୁଅନ୍ତି। ନୃତ୍ୟ ପୂର୍ବରୁ ଇଷ୍ଟଙ୍କ ଉଦ୍ଦେଶ୍ୟରେ ଶୁଭ ଓ ମଙ୍ଗଳମୟ ଭାବନାର ସମର୍ପଣରେ ଏମାନେ ମଙ୍ଗଳା ଚରଣ ଗାନ କରିଥାନ୍ତି। ପରେ ସ୍ତ୍ରୀ ପୁରୁଷ ପାଦରେ ପାଦ ମିଶାଇ ଓ ପରସ୍ପରର ହାତକୁ ପରସ୍ପରର ଅଣ୍ଟାରେ ଛନ୍ଦି ନଇଁ ନଇଁ ନୃତ୍ୟ କରିଥାନ୍ତି। ଏଥିରେ ହସ୍ତମୁଦ୍ରା ପ୍ରକାଶ ନ ପାଇଲେ ହେଁ ପାଦ, ଅଣ୍ଟା ଓ ଛାତିର ଦୋଳାୟିତଭଙ୍ଗି ପ୍ରକାଶ ପାଇଥାଏ। ଏକ ତାଳରେ ଚାଙ୍ଗୁର ବାଦନ ଏହାକୁ ଏକ ଲୌକିକ ନୃତ୍ୟରୁ ଶାସ୍ତ୍ରୀୟ ନୃତ୍ୟରେ ପରିଣତ କରିଦେବା ପରି ମନେହୁଏ। ଏହି ଚାଙ୍ଗୁ ନୃତ୍ୟରେ ସମସ୍ତ ପ୍ରକାରର ତାଳ, ଛନ୍ଦ ଓ ରାଗରାଗିଣୀର ବ୍ୟବହାର ଦେଖିବାକୁ ମିଳେ।

**ବାଥୁଡ଼ି ଆଦିବାସୀଙ୍କ ଆଧ୍ୟାତ୍ମିକ ସ୍ଥଳ ଅଠରଦେଉଳ ଓ ଚାଙ୍ଗୁ:**

ଅଠରଦେଉଳ କେବଳ ଯେ ଏକ ପବିତ୍ର ଦେବସ୍ଥଳୀ ତା ନୁହେଁ ବରଞ୍ଚ ଏହା ହେଉଛି ଏହି ବାଥୁଡ଼ି ଜନଜାତିର ଜୀବନ ଆରମ୍ଭ ଓ ଶେଷର କେନ୍ଦ୍ରସ୍ଥଳୀ। ମୟୂରଭଞ୍ଜର ଦୀର୍ଘ ଓ ଘନ ଶିମିଳିପାଳ ବନଭୂମିର ମଧ୍ୟସ୍ଥଳରେ ଅବସ୍ଥିତ ଏହି ଅଠରଦେଉଳ ବାଥୁଡ଼ି ଜନଜାତିର ଲୋକଙ୍କ ପାଇଁ ପାଲଟିଛି ସମର୍ପଣର ଆଶ୍ରୟସ୍ଥଳୀ। ଏମାନେ ହେଲେ ଏଠାକାର ମୂଳବାସିନ୍ଦା ପୂର୍ବେ ଯେଉଁ ବାଥୁଡ଼ି ଶାସକ ଏଠାରେ ଶାସନ କରୁଥିଲେ ସେ ଏଠାରେ ଦେବଦେବୀମାନଙ୍କୁ ଗୁପ୍ତ ଉପାସନା କରିବା ପାଇଁ ଅଠର ଗୋଟି ସ୍ଥାନର ସନ୍ଧାନ କରିଥିଲେ ଯାହାକି ଅଠରଦେଉଳ ନାମରେ ପରିଚିତ। ବାଥୁଡ଼ି ସମ୍ପ୍ରଦାୟରେ ଯେକୌଣସି ଶୁଭ କାର୍ଯ୍ୟର ଆରମ୍ଭ ପ୍ରଥମେ ଏହି ଅଠରଦେଉଳରୁ ଆରମ୍ଭ ହେଇଥାଏ। ଏହି ବାଥୁଡ଼ି ଜନଜାତିର ଆରାଧ୍ୟ ଦେବତାରୂପେ ଏଠାରେ ଅବସ୍ଥାନ କରନ୍ତି ପ୍ରଭୁ ବଡାମ୍, ଯିଏକି ସ୍ଥାନୀୟ ଅଧିବାସୀଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ସହିତ ତୁଳନୀୟ। ଶବର ରାଜା ବିଶ୍ୱାବସୁ ନୀଳମାଧବ ରୂପେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କଲାପରି ଏହି ଜନଜାତିର ଲୋକେ ଡ଼ାଳି ପୂଜା କରିଥାନ୍ତି। ଏବେସୁଦ୍ଧା ମଧ୍ୟ ଜଗତର ନାଥ ଜଗନ୍ନାଥଙ୍କ ରୂପରେ ଏହି ଜନଜାତି ସଂସ୍କୃତିରେ ବଡ଼ାମ୍ ଠାକୁର ପୂଜା ପାଇଆସୁଛନ୍ତି। ତେବେ କେବେଳ ବଡ଼ାମ୍ ନୁହନ୍ତି ଅଠରଦେଉଳର ଅନ୍ୟ ସ୍ଥାନମାନଙ୍କରେ ଅନ୍ୟ ଦେବଦେବୀ ମଧ୍ୟ ପୂଜା ପାଆନ୍ତି। ଶିମିଳିପାଳର ବାକୁଆ ନିକଟରେ ଥିବା ଲେମ୍ବୁଗଡ଼ରେ ଅବସ୍ଥିତ ଅଠରଦେଉଳ ଯେ ମଣିଷ ନୁହେଁ ବରଂ ବଡ଼ାମ୍ ଗଢ଼ିଛନ୍ତି ତାହା ଏହି ସରଳ ବାଥୁଡ଼ି ସମ୍ପ୍ରଦାୟର ଲୋକଙ୍କ ବିଶ୍ୱାସ। ବଡ଼ାମ୍ ଏହି ଜନଜାତିର ମୁଖ୍ୟ ଆରାଧ୍ୟ ଓ ଚାଙ୍ଗୁ ଏହି ଆଦିବାସୀଙ୍କର ମୁଖ୍ୟ ବାଦ୍ୟ,ଗୀତ ଓ ନୃତ୍ୟ ପରି ବଡ଼ାମଙ୍କ ବାର୍ଷିକ ପୂଜା ଏହି ଅଠର ଦେଉଳର ବଡ଼ ପୂଜା। ନାନା ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ତଥା ବିପଦସଂକୁଳ ହୋଇଥିଲେ ହେଁ ପ୍ରତିବର୍ଷ ଚୈତ୍ର-ବୈଶାଖ ଆରମ୍ଭରେ ହଜାର ହଜାର ବାଥୁଡ଼ି ଲୋକଙ୍କର ଏହି ଅଠରଦେଉଳଠାରେ ଜନସମାଗମ ହୁଏ। ଏହି ଆଦିମ ଅଧିବାସୀ ଆଜି ଆଧୁନିକତାକୁ ଗ୍ରହଣ କରିଥିଲେ ମଧ୍ୟ ଆଜିବି ଅଠରଦେଉଳରେ ନିଜର ପାରମ୍ପରିକ ପୋଷାକ ଧଳାଧୋତି,ଗାମୁଛା, ଗଞ୍ଜି (ପୁରୁଷ) ଓ ନାଲି ଗାର ପକା ଧଳା ଶାଢ଼ୀ (ନାରୀ) ପିନ୍ଧିକରି ବଡ଼ାମଙ୍କ ନିକଟରେ ଏକତ୍ରିତ ହୁଅନ୍ତି। ଭୋଗ ସ୍ୱରୂପ ଅର୍ପଣ କରନ୍ତି ଗଂଜେଇ, ମହୁ, କ୍ଷୀର, ତାଳ ଆଦି ଫଳମୂଳ।

ଏହି ଚୈତ୍ରମାସର ଶେଷଭାଗରେ ବଡ଼ାମ୍ ଠାକୁରଙ୍କ ଚାରିପାଖେ ଡାଳକୁ ଇଷ୍ଟ ରୂପେ ସ୍ଥାପନ କରି, ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଚାଙ୍ଗୁ ବଜାଇ ଗୀତ ଗାଇ ରାତି ଉଜାଗର ରହି ନାଚ କରିବା ହେଉଛି ଏହି ବଡ଼ାମପୂଜାର ପ୍ରଥା। ପ୍ରଥମେ ବଡ଼ାମଙ୍କ ଉଦ୍ଦେଶ୍ୟରେ ମଙ୍ଗଳଚରଣ ଗାଇ ପରେ ଅନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭକ୍ତିଗୀତ ଗାଇଥାନ୍ତି ଏହି ବାଥୁଡ଼ିମାନେ।

ପୂର୍ବ ଆଲୋଚନା ଅନୁସାରେ ସାହାଡ଼ା ଗଛ ଓ ବରଗଛ ଓହଳରୁ ତିଆରି ଚାଙ୍ଗୁ ବାଦ୍ୟରେ ୧୮ ଗୋଟି କଣା କରାଯାଇ କିଳା ଦିଆଯାଇଥାଏ। ଏହି ଅଠରଗୋଟି କଣା ଓ କିଳା ଏଠାରେ ଅଠରଦେଉଳରେ ଅବସ୍ଥାନ କରୁଥିବା ଦେବଦେବୀଙ୍କ ଆସ୍ଥାନ ଓ ନାମର ପ୍ରତୀକାୟିତ ରୂପ ଅଟନ୍ତି; ଯଥା- ବଡ଼ାମ୍, ଜଗନ୍ନାଥ, ଭୈରବ, ମାନବଦେବତା-ଈଶ୍ୱରଦେବତା, ବିଷ୍ଣୁ, ମହାବୀର, ବାମନବୀର, ସମୀବୃକ୍ଷ ଦେବତା, ଦେବକୁଣ୍ଡ ଭୈରବ, ଯଶିପୁରଗଡ଼ ଅଧିଶ୍ୱର ଇତ୍ୟାଦି ଦ୍ୱାଦଶ ଦେବ ଓ ଲକ୍ଷ୍ମୀମାତା, ମା' ବିରାଟପାଟ, ଦ୍ୱାରଶୁଣି, ସାହାଡ଼ାସୁନ୍ଦରୀ, ବୁଢ଼ିପାଟ, ବଉଳାଶୁଣି ପରି ଛଅଜଣ ଦେବୀ, ଏହି ଚାଙ୍ଗୁରେ ଏହି ଦେବଦେବୀମାନଙ୍କୁ ଏକ ଏକ କିଳା ରୂପେ ସ୍ଥାପିତ କରାଯାଇଥିବା କଥା ଏହି ସମ୍ପ୍ରଦାୟର ଲୋକେ ସ୍ୱୀକାର କରିଥାନ୍ତି।

ଅନୁରୂପ ଭାବେ ଏହି ବାଥୁଡ଼ି ଡାଙ୍ଗୁଆ (ଯୁବକ) ଓ ଡାଙ୍ଗଣୀ (ଯୁବତୀ) ମାନେ ଚାଙ୍ଗୁ ବାଦ୍ୟ ବଜାଇ ନୃତ୍ୟ କଲାବେଳେ ଅନେକ

ସମୟରେ ଅଠର କିଲା ବା ଅଠରଦେଉଳରେ ବାସ କରୁଥିବା ଅଠର ଦେବଦେବୀଙ୍କ ସ୍ୱରୂପ ୧୨ ଡାଙ୍ଗୁଆ ଓ ୬ ଡାଙ୍ଗଣୀ ହିସାବରେ ହାତରେ ହାତ ଓ ପାଦରେ ପାଦ ମିଶାଇ ନୃତ୍ୟ କରିଥାନ୍ତି। ଏହି ନୃତ୍ୟର ପ୍ରାରମ୍ଭରେ ଚାଙ୍ଗୁ ବନ୍ଦନା ଗାଇଲା ବେଳେ ପ୍ରତ୍ୟେକ କିଲା ନାମର ଦେବଦେବୀଙ୍କୁ ସ୍ମରଣ କରି ଗୀତ ଗାଆନ୍ତି।

**ଉପସଂହାର:**

ଏହି ଚାଙ୍ଗୁ ନୃତ୍ୟ କେବଳ ଯେ ବାଥୁଡ଼ି ଜନଜାତିର ଧର୍ମୀୟ ଭାବଧାରାକୁ କେନ୍ଦ୍ର କରି ପ୍ରସିଦ୍ଧି ଲାଭ କରିଛି ତା ନୁହେଁ ବରଂ ସମୟର ଅଗ୍ରଗତି ସଂଗେସଂଗେ ଏହା ଜନସମାଜରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବା ସହ ଏହି ଜନଜାତିର ଲୋକଙ୍କୁ ଅଳ୍ପବହୁତେ ରୋଜଗାର ମଧ୍ୟ ଯୋଗାଇ ଦେଇପାରିଛି କହିଲେ ଭୁଲ୍ ହେବନାହିଁ। ଆଜି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବହୁ ସ୍ଥାନରେ ବଡ଼ାମଶାଳ ରହିଥିବାର ଦେଖାଯିବା ସହ ଚାଙ୍ଗୁ ବାଦ୍ୟ-ଗୀତ-ନୃତ୍ୟର ଲୋକପ୍ରିୟତା କେବଳ ବଡ଼ାମଙ୍କ ପୂଜାକୁ ନେଇ ବୃଦ୍ଧି ନ ହୋଇ ବରଂ ସମଗ୍ର ବାଥୁଡ଼ି ଜନଜାତିର ସାଂସ୍କୃତିକ ବିକାଶଧାରାକୁ ଦର୍ଶାଇପାରିଛି ଓ ଏହି ଜନଜାତିକୁ ସମାଜ ଓ ସଭ୍ୟତାର ମୁଖ୍ୟସ୍ରୋତରେ ସାମିଲ କରିପାରିଛି।

**ସଙ୍କେତ ସୂଚୀ:**


୧. ଓଡ଼ିଶା ସାହିତ୍ୟ ଏକାଡେମୀ, 'ଉତ୍ତର ଓଡ଼ିଶାର ଲୋକସାହିତ୍ୟ', ପ୍ର-ସଂସ୍କୃତି ଭବନ, ଭୁବନେଶ୍ୱର, ୨୦୨୦।

୨. ନାୟକ, ଶ୍ରୀ ଶରତ ଚନ୍ଦ୍ର, 'ମୟୂରଭଞ୍ଜ ସଂସ୍କୃତିରେ ବାଥୁଡ଼ି ଜନଜାତି', ପ୍ର-ମେଘାସନୀ, ୨୦୧୩

୩. ସାହୁ, ଡ. ମୋହନ ଲାଲ,'ମୟୂରଭଞ୍ଜର ଲୋକଗୀତ ଓ ଲୋକନୃତ୍ୟ', ପ୍ର- ପୂଜ୍ୟପୂଜା, ବାଘଡ଼ାରୋଡ଼, ବାରିପଦା।



**CC BY-NC 4.0**

ବାଥୁଡ଼ି ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ବାଦ୍ୟ ଚାଙ୍ଗୁ: ଏକ ଅଧ୍ୟୟନ © 2025 by ଶୁଭଶ୍ରୀ ମହାପାତ୍ର is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/